● କଠିନ ଶବ୍ଦର ଅର୍ଥ

ମହାମହୋପାଧ୍ୟାୟ - ଏକ ଉପାଧି

ପ୍ରଣେତା - ରଚନାକାର

ଅଧ୍ୟବସାୟ - ଚେଷ୍ଟା

ନିରପେକ୍ଷ - ପକ୍ଷପାତ ନଥିବା

ଜ୍ଞାନାନୁରାଗୀ - ଜ୍ଞାନ ପାଇଁ ଇଚ୍ଛୁକ

ବାଞ୍ଛନୀୟ - ଦରକାର

ଅକ୍ଳାନ୍ତ - କ୍ଳାନ୍ତ ନ ହୋଇ ଅତ୍ୟଧିକ କଷ୍ଟକରି

ବେଷ୍ଟନୀ - ପରିଧି

ସ୍ମୃତି - ଧର୍ମଶାସ୍ତ୍ର

ତର୍କ - ଯୁକ୍ତି

ଅନୁରାଗ - ଆଗ୍ରହ

ସିଦ୍ଧାନ୍ତ - ଶେଷ ନିଷ୍ପତ୍ତି

ଲିପିବଦ୍ଧ - ଲେଖି ରଖିବା

ପୃଥକ - ଅଲଗା

ବିଷମ - ଭୟଙ୍କର

ଉନ୍ମୁକ୍ତ - ଖୋଲା

ଦୂରବୀକ୍ଷଣ - ଦୂରରୁ ସ୍ପଷ୍ଟ ଦେଖା ଯାଉଥିବା ଯନ୍ତ୍ର

ଅନୁମେୟ - ଅନୁମାନର ଯୋଗ୍ୟ

ସହଯୋଗ - ସାହାଯ୍ୟ

ବିଶ୍ୱକଲ୍ୟାଣ - ଜଗତର ମଙ୍ଗଳ

ପରଖ - ପରୀକ୍ଷା

ଧୂରନ୍ଧର - ଶ୍ରେଷ୍ଠ, ଦକ୍ଷ

ନିରବଚ୍ଛିନ୍ନ - ବିଚ୍ଛିନ୍ନ ନହୋଇ

ଅଗ୍ନିମାନ୍ଦ୍ୟ - ପାଚନ ସମ୍ବନ୍ଧୀୟ ରୋଗ

ଶୂଳ - ଏକରୋଗ

ଚିରସାଥୀ - ଚିରକାଳ ବନ୍ଧୁ

ଝୁଙ୍କ - ଜିଦ୍

ସହଧର୍ମିଣୀ - ସ୍ତ୍ରୀ

କଣ୍ଟକ - କଣ୍ଟା

ପ୍ରତିବେଶୀ - ପଡ଼ୋଶୀ

ଅଗୋଚର - ଅଜଣା

ବିଦ୍ୱାନ - ପଣ୍ଡିତ

ପୂତ - ପବିତ୍ର

ଲୟ - ଧ୍ୟାନ

ଭୂୟସୀ - ଅତ୍ୟଧିକ

ଅର୍ଥାନଟନ - ଅର୍ଥର ଅଭାବ

ସାଧନାଗଗନ - ସାଧନାର ଆକାଶ

କାଳାତିପାତ - ସମୟ କାଟିବା

ବିରତ - ଓହରିଯିବା

ସ୍ୱତଃ - ଆପେ ଆପେ

ଜ୍ୟୋତିଷ୍କ - ନକ୍ଷତ୍ର

- **କ୍ଷୁଦ୍ର ଉତ୍ତରମୂଳକ**

୧। **ଚନ୍ଦ୍ରଶେଖରଙ୍କର କେଉଁ କାର୍ଯ୍ୟଟି ଆଶ୍ଚର୍ଯ୍ୟଜନକ ଓ ଅସାଧାରଣ ହୋଇଛି ?**

ଉ- ଯେଉଁମାନେ ଅକ୍ଳାନ୍ତ ଅଧ୍ୟବସାୟ ଓ ମୌଳିକ ଗବେଷଣା ବଳରେ ମାନବ ଜାତିର ଜ୍ଞାନବୃଦ୍ଧି କରିଛନ୍ତି ସେମାନଙ୍କ ମଧ୍ୟରେ ପଠାଣି ସାଆନ୍ତେ ଅତି ସାଧାରଣ। କାରଣ ନିଜର ଅଜ୍ଞାନ ବେଷ୍ଟନୀରେ ରହି ମଧ୍ୟ ସେ ଯେଉଁ ଜ୍ଞାନାଲୋକ ଆହରଣ ଓ ବିକୀରଣ କରିଛନ୍ତି ତାହା ପ୍ରକୃତରେ ଅତୀବ ଆଶ୍ଚର୍ଯ୍ୟଜନକ ଓ ଅସାଧାରଣ।

୨। **ଚନ୍ଦ୍ରଶେଖରଙ୍କର ବାଲ୍ୟଜୀବନ କଥା ବର୍ଣ୍ଣନା କର।**

ଉ- ଚନ୍ଦ୍ରଶେଖର ଥିଲେ ଖଣ୍ଡପଡ଼ା ରାଜବଂଶର ଦାୟାଦ। ପିଲାଦିନେ ସେ ଖୁବ୍ ଚିନ୍ତାଶୀଳ ଥିଲେ। ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ ହେଁ ଗ୍ରାମ ପାଠଶାଳାରୁ ଶିକ୍ଷା ପ୍ରାପ୍ତି ପରେ ସଂସ୍କୃତ ଶିକ୍ଷା ପାଇଥିଲେ। ବ୍ୟାକରଣ, ତର୍କ, ପୁରାଣ, ଆୟୁର୍ବେଦ, ଜ୍ୟୋତିଷ କ୍ଷେତ୍ରରେ ବିଶଦ ଜ୍ଞାନ ଅର୍ଜନ କରିଥିଲେ। ତାଙ୍କ ବାପା ତାଙ୍କୁ ଦଶବର୍ଷ ବୟସରେ ଫଳିତ ଜ୍ୟୋତିଷ ଶିକ୍ଷା ଦେଇଥିଲେ। ତାରା, ଗ୍ରହନକ୍ଷତ୍ରଙ୍କ ଗତିବିଧି, ଅବସ୍ଥିତି ସମ୍ପର୍କରେ ଗବେଷଣା କରିବାକୁ ସେ ଦୃଢ଼ ସଂକଳ୍ପ ନେଇଥିଲେ।

୩। **ଚନ୍ଦ୍ରଶେଖର ଗଣିତ ଜ୍ୟୋତିଷ ପ୍ରତି ଆକୃଷ୍ଟ ହେଲେ କିପରି ?**

ଉ- ପିଲାଦିନୁ ଗ୍ରହ, ତାରାଙ୍କ ଗତି, ଅବସ୍ଥିତି ସମ୍ପର୍କରେ ଜାଣିବାକୁ ଆଗ୍ରହୀ ଥିଲେ ଚନ୍ଦ୍ରଶେଖର। ରାତିରେ ଗ୍ରହ, ତାରାଙ୍କୁ ଚାହିଁ ଗବେଷଣା କଲେ। ସଂସ୍କୃତ ସିଦ୍ଧାନ୍ତ ସବୁ ପଢୁ ପଢୁ ସେ ଗଣିତ ଜ୍ୟୋତିଷ ପ୍ରତି ଆକୃଷ୍ଟ ହେଲେ।

୪। **ସେ ନିଜେ ଯନ୍ତ୍ର ତିଆରି କରିବାକୁ ମନ ବଳାଇଲେ କାହିଁକି ?**

ଉ- ଚନ୍ଦ୍ରଶେଖରଙ୍କ ପାଖରେ କୌଣସି ଯନ୍ତ୍ର ନଥିବାରୁ ସେ ନିଜସ୍ୱ ଗବେଷଣାରେ ଆଗେଇ ପାରୁନଥିଲେ। ପୁରାତନ ସିଦ୍ଧାନ୍ତରେ ଯନ୍ତ୍ର ଗଠନ ସମ୍ପର୍କରେ ସୂଚନା ଥିବା ଜାଣି ସେ ଚେଷ୍ଟା କଲେ ଏବଂ ନିଜେ ହାତରେ ତିଆରି କରି ସେହି 'ମାନଯନ୍ତ୍ର' ମାଧ୍ୟମରେ ନିଜର ଗବେଷଣା ଜାରି ରଖିଲେ।

୫। **ଅନେକ ଚନ୍ଦ୍ରଶେଖରଙ୍କୁ 'ରାଜଜ୍ୟୋତିଷ' ବୋଲି ସମ୍ମାନ ଦେଖାଇଲେ କାହିଁକି ?**

ଉ- କାହାରି ସାହାଯ୍ୟ ନ ପାଇ ନିଜସ୍ୱ ଉଦ୍ୟମରେ ଗବେଷଣା କରୁଥିବା ଚନ୍ଦ୍ରଶେଖରଙ୍କୁ ଲୋକେ ଜ୍ୟୋତିଷ ସମ୍ବନ୍ଧରେ ଅନେକ ପ୍ରଶ୍ନ ପଚାରୁଥିଲେ। ସେ ଜ୍ୟୋତିଷ ନଥିଲେ ମଧ୍ୟ ଲୋକଙ୍କ ଶ୍ରଦ୍ଧା ହେତୁ ସମସ୍ତ ଉତ୍ତର କହୁଥିଲେ। ଫଳରେ ଲୋକେ ତାଙ୍କୁ ରାଜଜ୍ୟୋତିଷ ବୋଲି ଭାବୁଥିଲେ।

୬। ଚନ୍ଦ୍ରଶେଖର ନିଜର 'ପରଖ'ର ବିବରଣୀକୁ କିପରି ଗ୍ରନ୍ଥ ରୂପ ଦେଲେ ?

ଉ– ଯେଉଁ ସତ୍ୟ ମଣିଷ ଅନୁଭବ କରିବ ଏବଂ ତାହା ଯଦି ଜଗତ କଲ୍ୟାଣକର ହୋଇଥାଏ, ତେବେ ତାହାକୁ ଲିପିବଦ୍ଧ କରାଯିବା ଆବଶ୍ୟକ ବୋଲି ଚନ୍ଦ୍ରଶେଖର ବୁଝିଥିଲେ । ଏଣୁ ନିଜ 'ପରଖ'ର ବିବରଣୀକୁ ଟିପି ରଖିଲେ । ତିନିବର୍ଷର ପରିଶ୍ରମ ପରେ ସେ ନିଜର ପ୍ରତ୍ୟକ୍ଷ ଅନୁଭୂତିକୁ ଗ୍ରନ୍ଥରୂପ ଦେଲେ ।

୭। ଜ୍ୟୋତିଷ ଚର୍ଚ୍ଚା ଦ୍ୱାରା ତାଙ୍କର କେଉଁ କ୍ଷତି ହୋଇଥିଲା ?

ଉ– ନିରବଚ୍ଛିନ୍ନ ସାଧନା ଓ ଅକ୍ଳାନ୍ତ ପରିଶ୍ରମ ଫଳରେ ତାଙ୍କର ଶରୀର ଅସୁସ୍ଥ ହୋଇ ପଡ଼ିଲା । ତଥାପି ସେ ସାଧନାରୁ ବିରତ ହୋଇ ନଥିଲେ । ଅଗ୍ନିମାନ୍ଦ୍ୟ ଓ ଶୂଳରୋଗ ଗ୍ରାସ କଲା । ଜ୍ୟୋତିଷଚର୍ଚ୍ଚାର ଝୁଙ୍କ ପାଇଁ ସେ କ୍ଷତି ସହିବାକୁ ବାଧ୍ୟ ହେଲେ ।

୮। ସେ କାହିଁକି ଋଣ କରୁଥିଲେ ?

ଉ– ସେ ଗଣିତ ଜ୍ୟୋତିର୍ବିଦ ରୂପେ ସାଧନା କରୁଥିଲେ ମଧ୍ୟ ଲୋକେ ତାଙ୍କୁ ଫଳିତ ଜ୍ୟୋତିଷ ସମ୍ପର୍କରେ ନାନା ପ୍ରଶ୍ନ ପଚାରୁଥିଲେ । କୋଷ୍ଠୀଗଣନା କରିବାକୁ କହୁଥିଲେ । ସେ କାହାକୁ ନିରାଶ କରୁନଥିଲେ । ସେ ସାଧୁ ଏବଂ ଅମାୟିକ ଥିଲେ । ରାଜବଂଶର ସମ୍ମାନରକ୍ଷା ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସାଧନା କରୁଥିଲେ । କିନ୍ତୁ ଅର୍ଥ ଥିଲା ପ୍ରଧାନ ବାଧକ । କେତୋଟି ଗ୍ରାମରୁ ବାର୍ଷିକ ୫୦୦ ଟଙ୍କା ପାଉଥିଲେ ମଧ୍ୟ ତାହା ଯଥେଷ୍ଟ ନଥିଲା । ଏଣୁ ସେ ଋଣ କରୁଥିଲେ ।

୯। ଚନ୍ଦ୍ରଶେଖରଙ୍କ ସହଧର୍ମିଣୀ କିପରି ତାଙ୍କୁ ସାହାଯ୍ୟ କରୁଥିଲେ ?

ଉ– ଚନ୍ଦ୍ରଶେଖରଙ୍କ ପତ୍ନୀ ଜଣେ ଧର୍ମପରାୟଣା, ପତିବ୍ରତା ନାରୀ ଥିଲେ । ସ୍ୱାମୀଙ୍କ ସାଧନା ପଥରେ କଣ୍ଟକ ନ ସାଜି ସେ ଉତ୍ସାହ ଓ ପ୍ରେରଣା ଯୋଗାଉଥିଲେ । ପ୍ରତିବେଶୀମାନଙ୍କର ଉପହାସକୁ ସେ କାନକୁ ନେଉ ନଥିଲେ ।

୧୦। ଚନ୍ଦ୍ରଶେଖରଙ୍କ ମୌଳିକ ପ୍ରତିଭା ଅନ୍ୟମାନେ ଜାଣିଲେ କିପରି ?

ଉ– ଆଲୋକର ଧର୍ମ ଜ୍ୟୋତି ବିକୀରଣ କରିବା । ତାକୁ ଯୋଉଠି ଲୁଚାଇ ରଖିଲେ ମଧ୍ୟ ସେ ଫୁଟି ବାହାରିବ । ଠିକ୍ ସେମିତି ପ୍ରତିଭାକୁ ଅବଦମିତ କରି ରଖାଯାଇ ପାରେ ନାହିଁ । ଭାରତୀୟ ପଞ୍ଜିକାର ଭୁଲ ସୁଧାରିବା ପାଇଁ କଲିକତାରେ ଗଠିତ କମିଟି ପକ୍ଷରୁ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ଓଡ଼ିଶା ଆସି ଚନ୍ଦ୍ରଶେଖରଙ୍କ ଜ୍ଞାନଗାରିମା ଜାଣି ମୁଗ୍ଧ ହେଲେ । ତାଙ୍କରି ମାଧ୍ୟମରେ ଚନ୍ଦ୍ରଶେଖରଙ୍କ ପ୍ରତିଭା ମୌଳିକ ପ୍ରତିଭା ସୁଦୂର ପ୍ରସାରିତ ହେଲା ।

୧୧। ସିଦ୍ଧାନ୍ତ ଦର୍ପଣ ସମ୍ପର୍କରେ ରାଧାନାଥ କ'ଣ କହିଛନ୍ତି ?

ଉ- ରାଧାନାଥ ଲେଖିଥିଲେ, ଚନ୍ଦ୍ରଶେଖର ହେଉଛନ୍ତି ଉତ୍କଳମାତାର ଯୋଗ୍ୟତମ ସୁତ। ତାଙ୍କରି ପାଇଁ ଆମ ରାଜ୍ୟର ନାମ ଦେଶ ବିଦେଶରେ ପ୍ରଚାରିତ ହେଲା। ସିଦ୍ଧାନ୍ତ ଦର୍ପଣ ପାଇଁ ଚନ୍ଦ୍ରଶେଖର ୟୁରୋପରେ ମଧ୍ୟ ସମ୍ମାନିତ ହେଲେ। କାଳକାଳ ପାଇଁ ସିଦ୍ଧାନ୍ତ ଦର୍ପଣ ଲୋପ ପାଇବ ନାହିଁ ଏବଂ ଚନ୍ଦ୍ରଶେଖର ଅମର ରହିବ।

୧୨। ଚନ୍ଦ୍ରଶେଖର କେଉଁ କେଉଁ ମହାନ ଗୁଣର ଅଧିକାରୀ ଥିଲେ ?

ଉ- ଚନ୍ଦ୍ରଶେଖର ଥିଲେ ଜଣେ ଅସାଧାରଣ ପଣ୍ଡିତ। ଶିଶୁଭଳି ସେ ଥିଲେ ସରଳ ପାଣ୍ଡିତ୍ୟ ସହିତ ତାଙ୍କ ପାଖରେ ଭଦ୍ରାମି, ଚରିତ୍ରବତ୍ତା, ଭକ୍ତି, ଧର୍ମପରାୟଣତା, ବଦାନ୍ୟତା, ସତ୍ୟବାଦିତା, ସତ୍ୟପ୍ରିୟତା, ସ୍ପଷ୍ଟବାଦିତା, ଦୟା, କ୍ଷମା, ନ୍ୟାୟପରାୟଣତା, ପରୋପକାରିତା, ବିନମ୍ରତା, ସଜ୍ଜନତା, ନିର୍ଭୀକତା, ସତ୍‌ସାହସ ଆଦି ମହାନ ଗୁଣ ପୂରି ରହିଥିଲା।

## ● ଅତିକ୍ଷୁଦ୍ର ଉତ୍ତରମୂଳକ

୧୩। ଚନ୍ଦ୍ରଶେଖର ଉତ୍କଳରେ କେଉଁ ନାମରେ ପରିଚିତ ଥିଲେ ?

ଉ- ଚନ୍ଦ୍ରଶେଖର ଉତ୍କଳରେ "ପଠାଣି ସାଆନ୍ତେ" ନାମରେ ପରିଚିତ ଥିଲେ।

୧୪। ସେ କେବେ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

ଉ- ସେ ୧୮୩୫ ମସିହା ଜାନୁଆରୀ ଏଗାର ତାରିଖରେ ଓଡ଼ିଶାର ଏକ ଗଡ଼ଜାତ ଖଣ୍ଡପଡ଼ାଗଡ଼ରେ ଜନ୍ମ ହୋଇଥିଲେ।

୧୫। ସେ କେଉଁ କଥାକୁ ଖାତିର କରି ନାହାଁନ୍ତି ?

ଉ- ସତ୍ୟ ସାଧନା ପାଇଁ ସେ ଜାଗତିକ ଦୁର୍ଘଟଣା, ଅଭାବ ଅନାଟନକୁ ଖାତିର କରି ନାହାନ୍ତି।

୧୬। ଚନ୍ଦ୍ରଶେଖରଙ୍କ ପିତା ମାତାଙ୍କ ନାମ କ'ଣ ?

ଉ- ଚନ୍ଦ୍ରଶେଖର ଥିଲେ ଖଣ୍ଡପଡ଼ା ରାଜବଂଶୀୟ। ତାଙ୍କ ପିତାଙ୍କ ନାମ ଥିଲା ଶ୍ୟାମବନ୍ଧୁ ସିଂହ ସାମନ୍ତ ଏବଂ ମାତା ଥିଲେ ବିଷ୍ଣୁମାଳୀ।

୧୭। ଚନ୍ଦ୍ରଶେଖରଙ୍କ ପୂରା ନାମ କ'ଣ ?

ଉ- ଚନ୍ଦ୍ରଶେଖରଙ୍କ ପୂରା ନାମ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର। ସେ ଇଂରେଜ ସରକାରଙ୍କ ଠାରୁ 'ମହାମହୋପାଧ୍ୟାୟ' ଉପାଧି ଲାଭ କରିଥିଲେ।

୧୮। ତାଙ୍କର ବାପା ତାଙ୍କୁ କିପରି ଜ୍ୟୋତିଷ ଶିକ୍ଷା ଦେଇଥିଲେ ?

ଉ– ତାଙ୍କୁ ଯେତେବେଳେ ଦଶବର୍ଷ ହୋଇଥିଲା ସେତେବେଳେ ତାଙ୍କ ବାପା ତାଙ୍କୁ ଫଳିତ ଜ୍ୟୋତିଷ ଶିକ୍ଷା ଦେଇଥିଲେ ଏବଂ ଆକାଶର କେତେ ଗ୍ରହ, ତାରାଙ୍କୁ ଦେଖାଇ ଦେଇଥିଲେ ।

୧୯। ଜାତକରେ 'ଲଗ୍ନ' ନିରୂପଣ ପାଇଁ କ'ଣ ଆବଶ୍ୟକ ?

ଉ– ଜାତକରେ 'ଲଗ୍ନ' ନିରୂପଣ କରିବା ପାଇଁ ନକ୍ଷତ୍ର ଓ ଗ୍ରହମାନଙ୍କର ଅବସ୍ଥିତି ସମ୍ପର୍କରେ ଜାଣିବା ଆବଶ୍ୟକ ।

୨୦। ସେ କେଉଁ ଯନ୍ତ୍ରଟିକୁ ଅଧିକ ବ୍ୟବହାର କରୁଥିଲେ ?

ଉ– ସେ ନିଜେ ତିଆରି କରିଥିବା 'ମାନଯନ୍ତ୍ର'ଟିକୁ ବେଶୀ ବ୍ୟବହାର କରୁଥିଲେ ।

୨୧। ଖଣ୍ଡପଡ଼ା ରାଜା ତାଙ୍କୁ ସାହାଯ୍ୟ କଲେ ନାହିଁ କାହିଁକି ?

ଉ– ଖଣ୍ଡପଡ଼ା ରାଜା ଭାବୁଥିଲେ ଗ୍ରହନକ୍ଷତ୍ରଙ୍କ ସ୍ଥିତି ଜାଣିବା ଏବଂ ଜ୍ୟୋତିଷ ଚର୍ଚ୍ଚା କରିବା ସମ୍ମାନସୂଚକ କାର୍ଯ୍ୟ ନୁହେଁ । ଏଣୁ ସେ ତାଙ୍କୁ ସାହାଯ୍ୟ ସହଯୋଗ କରୁ ନଥିଲେ ।

୨୨। ସେ କେତେବର୍ଷ ବୟସରେ ସିଦ୍ଧାନ୍ତ ଦର୍ପଣ ଲେଖିଥିଲେ ?

ଉ– ସେ ଛଅବର୍ଷ କାଳ ନିଜର ଅଭିଜ୍ଞତା ଓ ପରଖର ବିବରଣୀ ଟିପି ରଖି ତିରିଶ ବର୍ଷ ବୟସରେ ସିଦ୍ଧାନ୍ତ ଦର୍ପଣର ପ୍ରଥମ ଭାଗ ରଚନା କରିବାକୁ ସକ୍ଷମ ହୋଇଥିଲେ ।

୨୩। କେଉଁ ଦୁଇଟି ରୋଗ ତାଙ୍କର ଚିରସାଥୀ ଥିଲା ?

ଉ– ଅଗ୍ନିମାନ୍ଦ୍ୟ ଓ ମୂଳ ରୋଗ ତାଙ୍କର ଚିରସାଥୀ ଥିଲେ ।

୨୪। ସେ କେଉଁ ଉପାୟରେ ପ୍ରେସରୁ ଟଙ୍କା ପାଉଥିଲେ ?

ଉ– ଅରୁଣୋଦୟ ପ୍ରେସରେ ତାଙ୍କର ପଞ୍ଜିକା ପ୍ରକାଶ ପାଉଥିଲା । ଏଣୁ ସେ ପ୍ରତିବର୍ଷ କଟକ ଆସୁଥିଲେ । ପ୍ରେସବାଲା ତାଙ୍କୁ ପାରିଶ୍ରମିକ ବାବଦରେ କିଛି ଟଙ୍କା ଦେଉଥିଲେ ।

୨୫। ଭାରତୀୟ ପଞ୍ଜିକାରେ ଭୁଲ ଅଛି ବୋଲି କେବେ ଅନୁସନ୍ଧାନ ଆରମ୍ଭ ହେଲା ?

ଉ– ଭାରତୀୟ ପଞ୍ଜିକାରେ ଭୁଲ ଅଛି ବୋଲି ୧୮୮୮ ମସିହାରେ ଅନୁସନ୍ଧାନ ଆରମ୍ଭ ହେଲା । ଏଥିପାଇଁ କଲିକତାରେ ଏକ କମିଟି ଗଠିତ ହେଲା ।

୨୬ । ଅନୁସନ୍ଧାନ କମିଟି ପକ୍ଷରୁ କିଏ ଓଡ଼ିଶା ଆସିଥିଲେ ?

ଉ– ଅନୁସନ୍ଧାନ କମିଟି ପକ୍ଷରୁ ମହାମହୋପାଧ୍ୟାୟ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ସି.ଆଇ.ଇ. ଓଡ଼ିଶାକୁ ଆସିଥିଲେ ।

୨୭ । କଟକରେ କାହା ସହିତ ଚନ୍ଦ୍ରଶେଖରଙ୍କର ପରିଚୟ ହେଲା ?

ଉ– କଟକରେ ଚନ୍ଦ୍ରଶେଖରଙ୍କ ସହିତ ଅଧ୍ୟାପକ ଯୋଗେଶବାବୁଙ୍କର ପରିଚୟ ହେଲା ।

୨୮ । କେବେ ଓ କାହା ଉଦ୍ୟମରେ ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ?

ଉ– ଯୋଗେଶବାବୁଙ୍କ ପ୍ରଚେଷ୍ଟାରେ ସୁଦାମ ଚରଣ ନାୟକଙ୍କ ଯତ୍ନରେ ଏବଂ ଆଠମଲ୍ଲିକ ରାଜା ସାହେବଙ୍କ ଆନୁକୁଲ୍ୟରେ ସିଦ୍ଧାନ୍ତଦର୍ପଣ ୧୮୯୯ରେ ପ୍ରକାଶିତ ହେଲା ।

୨୯ । ସେ "ମହାମହୋପାଧ୍ୟାୟ" ଉପାଧି କେବେ ପାଇଥିଲେ ?

ଉ– ୧୮୯୩ ମସିହାରେ ଇଂରେଜ ସରକାର ତାଙ୍କୁ "ମହାମହୋପାଧ୍ୟାୟ" ଉପାଧି ପ୍ରଦାନ କରିଥିଲେ ।

୩୦ । ସେ ଇଉରୋପରେ କିପରି ସମ୍ମାନିତ ହେଲେ ?

ଉ– ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ' ପ୍ରକାଶ ପାଇବା ପରେ ତାଙ୍କର ପାଣ୍ଡିତ୍ୟ ସମ୍ପର୍କରେ ଦେଶ ବିଦେଶରେ ପ୍ରସାରିତ ହେଲା । ସେ ଇଉରୋପରେ ମଧ୍ୟ ସମ୍ମାନିତ ହେଲେ ।

୩୧ । କେଉଁ ପ୍ରେସରେ ତାଙ୍କର ପଞ୍ଜିକା ପ୍ରକାଶ ପାଇଲା ?

ଉ– କଟକର ଅରୁଣୋଦୟ ପ୍ରେସ୍‌ରେ ତାଙ୍କର ପଞ୍ଜିକା ପ୍ରକାଶ ପାଇଲା ।

୩୨ । ସିଦ୍ଧାନ୍ତ ଦର୍ପଣ ପ୍ରକାଶିତ ହେଲା ପରେ କେଉଁ କେଉଁ ପତ୍ରିକାରେ ଚନ୍ଦ୍ରଶେଖରଙ୍କର ପ୍ରଶଂସା ପ୍ରକାଶ ପାଇଲା ?

ଉ– ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇବା ପରେ ନେଚର, ନଲେଜ, ମେଡିସିନ, ଅମୃତ ବଜାର ପତ୍ରିକା ଆଦିରେ ତାଙ୍କର ଭୂୟସୀ ପ୍ରଶଂସା ପ୍ରକାଶିତ ହୋଇଥିଲା ।

୩୩ । ଚନ୍ଦ୍ରଶେଖରଙ୍କୁ ବୃତ୍ତି ମିଳିବା କଥା କେଉଁ ବିଦେଶୀ ପଣ୍ଡିତ ଲେଖିଥିଲେ ?

ଉ– ଅଧ୍ୟାପକ ମାକସ୍‌ମୁଲାର ଚନ୍ଦ୍ରଶେଖରଙ୍କୁ ପ୍ରଶଂସା କରି ଯୋଗେଶ ବାବୁଙ୍କୁ ଲେଖିଥିଲେ ଯେ ସେ ତାଙ୍କର ପ୍ରତିଭା ପାଇଁ ଭାରତ ସରକାରଙ୍କ ପାଖରୁ ବୃତ୍ତି ପାଇବା ଆବଶ୍ୟକ ।

୩୪ । ସେ କେବେ ମୃତ୍ୟୁବରଣ କଲେ ?

ଉ– ସେ ୧୯୦୪ ମସିହା ଜୁନ ୧୦ ତାରିଖରେ ୬୯ ବର୍ଷ ବୟସରେ ପୁରୀଠାରେ ମୃତ୍ୟୁବରଣ କରିଥିଲେ ।

୩୫ । କେଉଁ ବଳରେ ଚନ୍ଦ୍ରଶେଖର ଅମୃତ ସନ୍ତାନ ହୋଇ ପାରିଥିଲେ ?

ଉ– ସତ୍ୟ-ସାଧନା, ନିଜସ୍ୱ ଅଧ୍ୟବସାୟ ବଳରେ ଚନ୍ଦ୍ରଶେଖର ଅମୃତ ସନ୍ତାନ ହୋଇ ପାରିଥିଲେ ।

• ଭାଷାଭିତ୍ତିକ

୩୬। 'କ'ସ୍ତମ୍ଭ (ବିଶେଷଣ) 'ଖ'ସ୍ତମ୍ଭ (ବିଶେଷ୍ୟ)

| | 'କ'ସ୍ତମ୍ଭ (ବିଶେଷଣ) | 'ଖ'ସ୍ତମ୍ଭ (ବିଶେଷ୍ୟ) |
|---|---|---|
| ଉ– | କ୍ଷୁଦ୍ର | ଗଡ଼ଜାତ |
| | ଧର୍ମପ୍ରାଣ | ବ୍ୟକ୍ତି |
| | ଅଗାଧ | ପାଣ୍ଡିତ୍ୟ |
| | ସତ୍ | ଉଦ୍ୟମ |
| | ନୀଳ | ଆକାଶ |
| | ଅକ୍ଳାନ୍ତ | ପରିଶ୍ରମ |
| | ସାଧାରଣ | |
| | ସାଧୁ | ଉଦ୍ୟମ |
| | ଆତ୍ମୀୟ | ସ୍ୱଜନ |
| | ଶୀତ | କାଳ |
| | ପରମ | ହିତୈଷୀ |
| | ଭୂୟସୀ | ପ୍ରଶଂସା |

୩୭। ସନ୍ଧିବିଚ୍ଛେଦ :

ମହା + ଈଶ୍ୱର = ମହେଶ୍ୱର

ଷଟ୍ + ମାସ = ଷଣ୍ମାସ

ସତ୍ + ଆଚାର = ସଦାଚାର

ସମ୍ + ନିକଟ = ସନ୍ନିକଟ

ଚଳତ୍ + ଚିତ୍ର = ଚଳଚ୍ଚିତ୍ର

ସମ୍ + ଦେହ = ସନ୍ଦେହ

୩୮। ଶିବ + ଅ = ଶୈବ

ବୁଦ୍ଧ + ଅ = ବୌଦ୍ଧ

ଶକ୍ତି + ଅ = ଶାକ୍ତ

ମହେଶ୍ୱର + ଅ = ମାହେଶ୍ୱର

୩୯। ଜାଲ୍ + ଏଣି = ଜାଳେଣି

କାଟ୍ + ଏଣି = କାଟେଣି

ଚଲ୍ + ଏଣି = ଚଳଣି